ଅରୁଣ ଜେଟଲୀ

ସାଂସଦ

ବିରୋଧୀ ଦଳର ନେତା, ରାଜ୍ୟସଭା

୪୩, ପାଲିଆମେଣ୍ଟ ହାଉସ

ନୂଆ ଦିଲ୍ଲୀ–୧୧୦୦୧

ଫୋ.ନଂ–୨୩୦୧୬୭୦୭, ୨୩୦୩୪୮୮୩

ଫା.ନଂ–୨୩୭୯୩୪୩୩

ସାଧାରଣ ସଚୀବ

ରାଜ୍ୟସଭା

ପାର୍ଲିଆମେଣ୍ଟ ହାଉସ

ନୂଆଦିଲ୍ଲୀ–୧୧୦୦୦୧

ମହାଶୟ,

ସାମ୍ବିଧାନିକ ସଂଶୋଧନ ମାଧ୍ୟମରେ ଆମ ଦେଶର କିଛି ଅଂଶ ବାଙ୍ଗଲାଦେଶକୁ ଦେବାକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ସଲମନ ଖୁର୍ସିଦ ମହୋଦୟ ଏକ ନୂତନ ବିଲ ଆଣିବାକୁ ଚାହୁଁଛନ୍ତି । ଯାହାକି ସମ୍ବିଧାନର ୧୧୯ ତମ ସଂଶୋଧନ–୨୦୧୩ ଅଟେ । ମାତ୍ର ମୁଁ ଏହାର ବିରୋଧ କରୁଅଛି । କାରଣ ଦେଶର ଭୌଗୋଳିକ ସୀମାରେଖା ନେଇ ସମ୍ବିଧାନରେ ଯେଉଁସବୁ ନୀତି ନିୟମମାନ ରହିଛି ତାହାକୁ ଆଦୌ ସଂଶୋଧନ କରାଯାଇ ନପାରେ । ସମ୍ବିଧାନର ୩୬୮ ଧାରାରେ ମଧ୍ୟ ଏହାକୁ ବିରୋଧ କରାଯାଇଅଛି । ୧୯୭୩ ମସିହା ପୂର୍ବରୁ ମାନ୍ୟବର ସୁପ୍ରିମ କୋର୍ଟରେ ଏକ ନିୟମ ହୋଇଥିଲା କି, ଦେଶର ଭୌଗୋଳିକ ପରିସର ସମ୍ବିଧାନର ମୂଳଢ଼ାଞ୍ଚା ଓ ଅଂଶ ବିଶେଷ ମଧ୍ୟ । ଏହାକୁ ହ୍ରାସ, ପରିବର୍ତ୍ତନ ବା ସଂଶୋଧନ କରାଯାଇ ନପାରେ । ତେବେ ମୋତେ ଉକ୍ତ ପ୍ରସଙ୍ଗ ନେଇ ସଦନରେ ଆଲୋଚନା କରିବାକୁ ଅନୁମତି ଦେବାକୁ କହୁଅଛି ।

ଅରୁଣ ଜେଟଲୀ